ଭାରତୀୟ ରିଜର୍ଭ ବ୍ୟାଙ୍କ

www. rbi.org.in

ଆରବିଆଇ/୨୦୧୬-୧୭/୪୧

ଏଫଆଇଡିଡି.ସିଓ.ଏଫଏସଡି. ବିସି.୧୧/୦୫.୧୦.୦୦୭/୨୦୧୬-୧୭ ଅଗଷ୍ଟ ୨୫, ୨୦୧୬

ଅଧ୍ୟକ୍ଷ/ ପରିଚାଳନା ନିର୍ଦ୍ଦେଶକ /ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

ସମସ୍ତ ଅନୁସୂଚୀତ ବାଣିଜ୍ୟିକ ବ୍ୟାଙ୍କ (ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ବ୍ୟତୀତ)

ପ୍ରିୟ ମହାଶୟ/ ମହାଶୟା

**ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା – କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟର କୃଷି ବୀମା ପୋର୍ଟାଲରେ ବ୍ୟାଙ୍କ ଶାଖା ମାନଙ୍କର ତଥ୍ୟ ଯୋଗାଣର ଅଭାବ**

ଦୟାକରି ମାର୍ଚ୍ଚ ୧୭, ୨୦୧୬ ତାରିଖରେ ଜାରି ଆମର ପରିପତ୍ର ଏଫଆଇଡିଡି. ସଂ. ଏଫଏସଡି. ବିସି. ୨୦ /୦୫.୧୦.୦୦୭ / ୨୦୧୫-୧୬ ର ଅନୁସରଣ କରନ୍ତୁ ଯେଉଁଥିରେ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନାର ପ୍ରାବଧାନ ଗୁଡିକର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା ଏବଂ ୧୦୦% ଚିହ୍ନିତ ଋଣୀ କୃଷକ ଏବଂ ଅଧିକ ସଂଖ୍ୟକ ଅଣ-ଋଣୀ କୃଷକ ମାଙ୍କକୁ ପରିସରଭୁକ୍ତ ସୁନିଶ୍ଚିତ କରିବା ମଧ୍ୟ ସ୍ଥିର କରାଯାଇଥିଲା ଯାହା ଦ୍ୱାରା ଏହି ଯୋଜନା ଅନ୍ତର୍ଗତ ନିହିତ ଉଦ୍ଦେଶ୍ୟ ଏବଂ ସ୍ଥିରିକୃତ ଲକ୍ଷ୍ୟ ହାସଲ କରାଯାଇପାରିବ।

୨. ଭାରତ ସରକାରଂକ ପ୍ରଧାନ ମନ୍ତ୍ରୀ କୃଷକ ବୀମା ଯୋଜନା (ପିଏମଏଫବିୱାଇ) ର ପରିଚାଳନାଗତ ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ବ୍ୟାଙ୍କ ମାନଙ୍କଠାରୁ ଏହା ମଧ୍ୟ ଆଶା କରାଯାଉଛି ଯେ ସେମାନେ ନିଜର ଶାଖାମାନଙ୍କ ମାଧ୍ୟମରେ ଫସଲ ବୀମା ଉପଲବ୍ଧ କରୁଥିବା ସମସ୍ତ ଋଣୀ ଓ ଅଣ-ଋଣୀ କୃଷକ ମାନଙ୍କର ଭୂମି ଏବଂ ଫସଲ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ନିଜ ନଥିପତ୍ରରେ ପ୍ରାପ୍ତ କରିବେ।

୩. କୃଷି ଏବଂ ଫସଲ କଲ୍ୟାଣ ମନ୍ତ୍ରାଳୟ (ଏମଓଏ ଏଣ୍ଡ ଏଫଡବ୍ଲୁ ) ଇତି ମଧ୍ୟରେ ସମସ୍ତ ବ୍ୟାଙ୍କ ମାନଙ୍କୁ ଏକ ଏକୀକୃତ www.agri-insurance.gov.in ପୋର୍ଟାଲରେ କୃଷକ ମାନଙ୍କର ଫସଲ ବୀମା ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଲିପିବଦ୍ଧ କରିବା ପାଇଁ ପରାମର୍ଶ ଦେଇଛି। ଉକ୍ତ ପୋର୍ଟାଲରେ ବ୍ୟାଙ୍କ ଶାଖା ମାନେ ଉପରୋକ୍ତ ତଥ୍ୟାବଳୀ ଲିପିବଦ୍ଧ କରୁ ନ ଥିବା ବିଷୟ ଆମର ଦୃଷ୍ଟି ଆକର୍ଷଣ କରିଛି। ପରିଣାମସ୍ୱରୂପ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ, ରାଜ୍ୟ ସରକାର ଇତ୍ୟାଦି ବୀମାକୃତ ଫସଲ ସୀମା, ସଂଗୃହିତ ବୀମା ପ୍ରିମିୟମ ର ପରିମାଣ ଆଦି ନିର୍ଣ୍ଣୟ କରିବାରେ ହେଉଥିବା ଅସୁବିଧା ଜନିତ ତଥ୍ୟ ଗୁଡିକୁ ଚିହ୍ନଟ କରିବାରେ ଅସମର୍ଥ ହେଉଛନ୍ତି। ଏଣୁ ଆପଣମାନେ ନିଜ-ନିଜର ଶାଖା ମାନଙ୍କୁ ଆବଶ୍ୟକୀୟ ତଥ୍ୟ ପୋର୍ଟାଲରେ ଲିପିବଦ୍ଧ କରିବାପାଇଁ ଅବିଳମ୍ବେ ନିର୍ଦ୍ଦେଶ ଜାରି କରନ୍ତୁ।

ଆପଣଙ୍କର ବିଶ୍ୱସ୍ତ

(ଉମା ଶଙ୍କର)

ମୁଖ୍ୟ ମହାପ୍ରବନ୍ଧକ